# କେନ୍ଦ୍ର ସାହିତ୍ୟ ଅକାଦେମିର ସଂଗୋଷ୍ଠୀ

## ସାହିତ୍ୟ ହେଉଛି ମୁକ୍ତିର ମାର୍ଗ: ପ୍ରଫେସର ପତି



ବଲାଙ୍ଗିର,୩୦।୧୦(କାର୍ଯ୍ୟାଳୟ):କେନ୍ଦ୍ର ସାହିତ୍ୟ ଅକାଦେମି ଓ ରଚନା ବଲାଙ୍ଗିରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରୋଜିନୀ ରେସିଡେନ୍ସିରେ 'ସାହିତ୍ୟରେ ସାଂସ୍କୃତିକ ଅସ୍ମିତା' ଆଲୋଚନାଚକ୍ର ତଥା 'ମୋ ଦୃଷ୍ଟିରେ' ଓ 'କବିସନ୍ଧି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦେଇ ସାହିତ୍ୟ ହେଉଛି ମୁକ୍ତିର ମାର୍ଗ ବୋଲି ମତପ୍ରକାଶ କରିଥିଲେ। ଉଦଘାଟନୀ ସଭାରେ ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବରିଷ୍ଠ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ ସଙ୍ଗୀତ ପରିବେଷଣ କରିଥିଲେ। ଅକାଦେମିର ଆଞ୍ଚଳିକ ସଚିବ ଡ.ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଓ ରଚନାର ସଂପାଦକ ଭାଗିରଥୀ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉଦଘାଟନୀ ଉତ୍ସବ ଶେଷରେ ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ।

ପ୍ରଥମ ଅଧିବେଶନରେ ବିଶିଷ୍ଟ କଥାକାର ଗାୟତ୍ରୀ ସରାଫଙ୍କ ସଭାପତିତ୍ୱରେ ଡ.ଦେବାଶିଷ ପାଣିଆ, କ୍ଷେତ୍ରବାସୀ ନାଏକ ଓ ଡ.ସଞ୍ଜୟ କୁମାର ମିଶ୍ର ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ.ପ୍ରଦୀପ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ କେଶରଞ୍ଜନ ପ୍ରଧାନ ଓ ଡ.କୌତୁକ ପନ୍ଦର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅପରାହ୍ନରେ ଆୟୋଜିତ ମୋ ଦୃଷ୍ଟିରେ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତାଙ୍କ ଜୀବନ ଓ କୃତୀ ସଂପର୍କରେ ବିଶିଷ୍ଟ କବି ପ୍ରହ୍ଲାଦ ଶତପଥୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ୱରଚିତ କବିତା ପାଠ ସହ ନିଜ କାବ୍ୟ ଯାତ୍ରାକୁ ନେଇ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁବ ଲେଖକ ଡ.ସୁଶୀଲ କୁମାର ବାଗ ଧନ୍ୟବାଦ ଦେଇଥିଲେ। ଡ.ଜଗନ୍ନାଥ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଯୁଯେଷ୍ଟି ମେହେର, ରତ୍ନମୟ ତ୍ରିପାଠୀ, ରାଜୀବ ଲୋଚନ ଆଚାର୍ଯ୍ୟ ଓ ଅନ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟକ ସାହିତ୍ୟିକ, ଲେଖକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।